# NATIONAL NEWS BULLETIN (ODIA)
## 04th March - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଚଳିତ ଶତାବ୍ଦୀର ପ୍ରଥମାର୍ଦ୍ଧ ଶେଷ ପୂର୍ବରୁ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଆମର ଜାତୀୟ ଲକ୍ଷ୍ୟ; କହିଲେ ରାଷ୍ଟ୍ରପତି ।

- ସ୍ଥିରତା ଓ ସଂସ୍କାରର ପ୍ରତିଶ୍ରୁତି ଶିଳ୍ପକ୍ଷେତ୍ରରେ ଆତ୍ମବିଶ୍ୱାସ ଆଣିପାରିଛି; କହିଲେ ପ୍ରଧାନମନ୍ତ୍ରୀ ।

- ଦେଶର ସମସ୍ତ ନିର୍ବାଚନ ଅଧିକାରୀମାନଙ୍କୁ ସ୍ୱଚ୍ଛତାର ସହ କର୍ତ୍ତବ୍ୟ ସମ୍ପାଦନ ପାଇଁ ପରାମର୍ଶ ଦେଲେ ମୁଖ୍ୟ ନିର୍ବାଚନ କମିଶନର ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍‌ରେ ଭାରତ ସମ୍ମୁଖରେ ୨୬୫ ରନ୍‌ର ବିଜୟ ଲକ୍ଷ୍ୟ ।

# ପ୍ରେଜ୍ - ଭିଜିଟର କନ୍‌ଫରେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଚଳିତ ଶତାବ୍ଦୀର ପ୍ରଥମାର୍ଦ୍ଧ ଶେଷ ପୂର୍ବରୁ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଆମର ଜାତୀୟ ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲପାଇଁ ଶିକ୍ଷାନୁଷ୍ଠାନର ସମସ୍ତ ଅଂଶୀଦାର ବିଦ୍ୟାର୍ଥୀମାନଙ୍କୁ ଏକ ବିଶ୍ୱସ୍ତରୀୟ ମାନସିକତା ସହ ଆଗକୁ ବଢ଼ିବାକୁ ପଡ଼ିବ । ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ଦୁଇଦିନିଆ ପରିଦର୍ଶକ ସମ୍ମିଳନୀର ଉଦ୍‌ଯାପନୀ ଅଭିଭାଷଣରେ ରାଷ୍ଟ୍ରପତି କହିଛନ୍ତି, ଅନ୍ତର୍ଜାତୀୟକରଣ ପ୍ରୟାସ ଏବଂ ସହଯୋଗକୁ ସୁଦୃଢ଼ କରିବା ସହିତ ବିଦ୍ୟାର୍ଥୀମାନେ ଏକବିଂଶ ଶତାବ୍ଦୀର ବିଶ୍ୱରେ ନିଜପାଇଁ ଅଧିକ ପ୍ରଭାବଶାଳୀ ପରିଚୟ ସୃଷ୍ଟି କରିବେ । ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଉତ୍କୃଷ୍ଟ ଶିକ୍ଷାର ଉପଲବ୍ଧତା ବିଦେଶରେ ଅଧ୍ୟୟନ କରିବାର ପ୍ରବୃତ୍ତିକୁ ହ୍ରାସ କରିବ । ରାଷ୍ଟ୍ରପତି କହିଛନ୍ତି, ଗବେଷଣା ଏବଂ ନବସୃଜନ ଉପରେ ଆଧାରିତ ଆତ୍ମନିର୍ଭରଶୀଳତା ଉଦ୍ୟୋଗ ଓ ଅର୍ଥନୀତିକୁ ସୁଦୃଢ଼ କରିବ । ଏ କ୍ଷେତ୍ରରେ ସମସ୍ତ ପ୍ରକାର ସମର୍ଥନର ଆବଶ୍ୟକତା ରହିଛି ବୋଲି ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଥିଲେ । ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମୁଖ୍ୟମାନଙ୍କୁ ପାରସ୍ପରିକ ସ୍ୱାର୍ଥରେ ଶିଳ୍ପ ପ୍ରତିଷ୍ଠାନର ବରିଷ୍ଠ ବ୍ୟକ୍ତିଙ୍କ ସହ ନିରନ୍ତର ଆଲୋଚନା କରିବାପାଇଁ ସଂସ୍ଥାଗତ ପ୍ରୟାସ କରିବାକୁ ସେ ଅନୁରୋଧ କରିଥିଲେ । ଶିକ୍ଷାନୁଷ୍ଠାନର ପ୍ରୟୋଗଶାଳାଗୁଡ଼ିକୁ ସ୍ଥାନୀୟ,

ଆଞ୍ଚଳିକ, ଜାତୀୟ ଓ ବିଶ୍ୱସ୍ତରୀୟ ଆବଶ୍ୟକତା ସହିତ ସଂଯୋଗ କରିବାକୁ ପ୍ରାଥମିକତା ଦେବା ଉଚିତ ବୋଲି ସେ କହିଥିଲେ ।  ଛାତ୍ରଛାତ୍ରୀଙ୍କ ବିଶେଷ ପ୍ରତିଭା ଏବଂ ଆବଶ୍ୟକତା ଅନୁଯାୟୀ ବ୍ୟବସ୍ଥାଭିତ୍ତିକ ଏବଂ ନମନୀୟ ଶିକ୍ଷା ବ୍ୟବସ୍ଥା ରହିବା ଜରୁରୀ ବୋଲି ରାଷ୍ଟ୍ରପତି କହିଛନ୍ତି ।

## ପି.ଏମ୍. - ୱେବିନାର୍

ଆତ୍ମନିର୍ଭର ଭାରତର ଲକ୍ଷ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି ଏବଂ ସଂସ୍କାରର ଗତିକୁ ତ୍ୱରାନ୍ୱିତ କରାଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ସଂସ୍କାର, ଆର୍ଥିକ ଶୃଙ୍ଖଳା, ସ୍ୱଚ୍ଛତା ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଦେଶ କ୍ରମାଗତ ଭାବରେ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଆଜି ବଜେଟ୍ ପରବର୍ତ୍ତୀ ୱେବିନାର୍‌କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ଅଭିବୃଦ୍ଧି, ଉତ୍ପାଦନ, ରପ୍ତାନୀ ଏବଂ ପରମାଣୁ ଶକ୍ତିର ଇଞ୍ଜିନ ଭାବରେ ଉଭା ହୋଇଛି ।

ଦେଶରେ ବ୍ୟବସାୟକୁ ସହଜ କରିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ସରକାର 'ଜନ ବିଶ୍ୱାସ ଆଇନ' ଲାଗୁ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅନୁପାଳନକୁ ହ୍ରାସ କରି ଆୟକରକୁ ସହଜ କରାଯାଇପାରିଛି । ସେ କହିଛନ୍ତି, ସରକାର 'ଜନ ବିଶ୍ୱାସ ୨-୦'

ବିଲ୍ ଉପରେ କାର୍ଯ୍ୟ କରୁଛନ୍ତି । ବଜେଟ୍‌ରେ ଉତ୍ପାଦନ ଏବଂ ରପ୍ତାନୀ କ୍ଷେତ୍ରର ପ୍ରସାର ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ଥିରତା ଓ ସଂସ୍କାରର ପ୍ରତିଶ୍ରୁତି ଶିଳ୍ପକ୍ଷେତ୍ରରେ ଆତ୍ମବିଶ୍ୱାସ ଆଣିପାରିଛି । ସେ କହିଛନ୍ତି, ସରକାରଙ୍କର ପ୍ରୟାସ ଅର୍ଥନୀତି ଉପରେ କୋଭିଡ୍‌ର ପ୍ରଭାବକୁ ହ୍ରାସ କରିଛି, ଯାହା ଭାରତକୁ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ କରିବାରେ ସହାୟକ ହୋଇଛି । ବିଶ୍ୱର ଦେଶଗୁଡ଼ିକ ଭାରତ ସହିତ ଆର୍ôଥିକ ସହଭାଗିତାକୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି ।

***Voice :.........***

ଶ୍ରୀ ମୋଦି କହିଛନ୍ତି, ଭାରତର ଉତ୍ପାଦନ ଯାତ୍ରାରେ ଗବେଷଣା ଏବଂ ବିକାଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଏହାକୁ ଉନ୍ନତ ଓ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି । ଗବେଷଣା ଏବଂ ବିକାଶ ମାଧ୍ୟମରେ ନୂତନ ଉତ୍ପାଦ ଏବଂ ଗଚ୍ଛିତ ଉତ୍ପାଦଗୁଡ଼ିକର ମୂଲ୍ୟ ବୃଦ୍ଧି ଉପରେ ଧ୍ୟାନ ଦିଆଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିଶ୍ୱ’ ଭାରତର ଖେଳଣା ଏବଂ ଚମଡ଼ା ଶିଳ୍ପର ସମ୍ଭାବନାକୁ ସ୍ୱୀକୃତି ପ୍ରଦାନ କରୁଛି । ପାରମ୍ପରିକ ହସ୍ତଶିଳ୍ପ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରାଯାଇପାରିବ । ଏହାଦ୍ୱାରା ଭାରତ ରପ୍ତାନୀ କ୍ଷେତ୍ରର ଅଭିବୃଦ୍ଧି ସହ ବିଶ୍ୱ ଚାମ୍ପିୟନ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଅଭିବୃଦ୍ଧି ଶ୍ରମପ୍ରଧାନ କ୍ଷେତ୍ରଗୁଡ଼ିକରେ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବ ।

ପି.ଏମ୍. ବିଶ୍ୱକର୍ମା ଯୋଜନା ସମ୍ପର୍କରେ ଆଲୋକପାତ କରି ଶ୍ରୀ ମୋଦି କହିଛନ୍ତି, ପାରମ୍ପରିକ କାରିଗରମାନଙ୍କୁ ଏହି ଯୋଜନା ଅନେକ ସହାୟତା ପ୍ରଦାନ କରୁଛି । ଏହି କାରିଗରମାନଙ୍କୁ ନୂତନ ସୁଯୋଗ ପ୍ରଦାନ କରିବା ସହ ଲୁକ୍କାୟିତ ସମ୍ଭାବନାର ବିସ୍ତାର ପାଇଁ ସମସ୍ତ ଅଂଶୀଦାରଙ୍କୁ ଆଗେଇ ଆସିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଥିଲେ ।

ଦେଶରେ ନାଗରିକମାନଙ୍କୁ ଋଣ ଉପଲବ୍ଧତା ସହଜ ହେବା ସହ ସରକାର ଏକ ନୂତନ ପ୍ରକାରର ଋଣ ପ୍ରଚଳନ କରିଛନ୍ତି । ଲୋକମାନେ ଏବେ ବିନା ଗ୍ୟାରେଣ୍ଟିରେ ଋଣ ପାଇପାରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ମୁଦ୍ରା ଯୋଜନା ମାଧ୍ୟମରେ ବିନା ଗ୍ୟାରେଣ୍ଟିରେ ଋଣ ପ୍ରଦାନ କରାଯାଉଛି । ଫଳରେ କ୍ଷୁଦ୍ରଶିଳ୍ପଗୁଡ଼ିକ ଉପକୃତ ହୋଇପାରୁଛନ୍ତି । ଟ୍ରେଡ୍‌ସ୍ ପୋର୍ଟାଲ୍ ଅନେକ ଋଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରୁଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ଏମ୍.ଏସ୍.ଏମ୍.ଇ.କୁ କମ୍ ମୂଲ୍ୟ ଏବଂ ସମୟସୀମା ମଧ୍ୟରେ ଋଣ ଉପଲବ୍ଧତା ନିଶ୍ଚିତ କରି ନୂତନ ଋଣ ପ୍ରଦାନ ପଦ୍ଧତି ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ମହିଳା, ଅନୁସୂଚିତ ଜାତି ଏବଂ ଜନଜାତି ସମ୍ପ୍ରଦାୟର ୫ ଲକ୍ଷ ନୂଆ ଉଦ୍ୟୋଗୀ ୨ କୋଟି ଟଙ୍କା ଲେଖାଏଁ ଋଣ ପାଇପାରିବେ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଚଳିତ ବଜେଟ୍‌ରେ ଏମ୍.ଏସ୍.ଏମ୍.ଇ. ଋଣ ପାଇଁ ଗ୍ୟାରେଣ୍ଟି କଭରକୁ ଦୁଇଗୁଣ ବୃଦ୍ଧି କରି ୨୦ କୋଟି ଟଙ୍କା କରାଯାଇଛି ଏବଂ ଅତିରିକ୍ତ ଭାବେ କାର୍ଯ୍ୟଶୀଳ ପୁଞ୍ଜି ଆବଶ୍ୟକତା ପୂରଣ କରିବାପାଇଁ ୫ ଲକ୍ଷ ଟଙ୍କା ସୀମା ସହିତ କ୍ରେଡିଟ୍ କାର୍ଡ଼ ପ୍ରଦାନ କରାଯିବ । ପି.ଏଲ୍.ଆଇ. ଯୋଜନାରୁ ବର୍ତ୍ତମାନ ୧୪ଟି କ୍ଷେତ୍ର ଉପକୃତ ହେଉଥିବା ଉପରେ ଆଲୋକପାତ କରି ଶ୍ରୀ ମୋଦି କହିଛନ୍ତି, ଏହି ଯୋଜନା ଅଧୀନରେ ୭୫୦ରୁ ଅଧିକ ୟୁନିଟ୍ ମଞ୍ଜୁର କରାଯାଇଛି, ଯାହାଫଳରେ ଦେଢ଼ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ, ୧୩ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଉତ୍ପାଦନ ଏବଂ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ରପ୍ତାନୀ ହୋଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଉତ୍ପାଦନ ଓ ରପ୍ତାନୀକୁ ପ୍ରୋତ୍ସାହିତ କରିବାପାଇଁ ୨ଟି ମିଶନ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି ।

***Voice*** :.........

ଉଦ୍ୟୋଗୀମାନେ କେବଳ ଦର୍ଶକ ନ ସାଜି ବିଶ୍ୱ ଯୋଗାଣ ଶୃଙ୍ଖଳରେ ସୁଯୋଗ ଖୋଜିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନାରେ ୧୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଉତ୍ପାଦନ ସହିତ ଦେଢ଼ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ସି.ଇ.ସି. - ସି.ଇ.ଓ. କନଫରେନ୍ସ

ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାର ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସ୍ୱଚ୍ଛତାର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ଦୁଇଦିନିଆ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶ୍ରୀ କୁମାର ଅଧିକାରୀମାନଙ୍କୁ ରାଜନୈତିକ ଦଳଗୁଡ଼ିକ ସହିତ ଯୋଗାଯୋଗ ରକ୍ଷା କରି ସୁଚାରୁରୂପେ ନିଜର ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଧାନିକ ସ୍ତରରେ ନିୟମିତ ଭାବେ ଦଳୀୟ ବୈଠକ ଆୟୋଜନ ଉପରେ ଶ୍ରୀ କୁମାର ଗୁରୁତ୍ୱାରୋପ କରିଛନ୍ତି । ପ୍ରତ୍ୟେକ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଦ୍ୱାରା ନିଆଯାଇଥିବା ପ୍ରସଙ୍ଗଭିତ୍ତିକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଆସନ୍ତା ୩୧ ତାରିଖ ସୁଦ୍ଧା ସମ୍ପୃକ୍ତ ଉପ-ନିର୍ବାଚନ କମିଶନରଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି । ଦେଶର ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ସମସ୍ତ ନାଗରିକ ଭୋଟର ଭାବେ ପଞ୍ଜିକୃତ ହେବା ନିଶ୍ଚିତ କରିବାକୁ ଶ୍ରୀ କୁମାର ଅଧିକାରୀମାନଙ୍କୁ କହିଛନ୍ତି । ଏତଦ୍‌ବ୍ୟତୀତ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ୮ ଶହରୁ ୧୨ ଶହ ମତଦାତା ରହିବା ଓ ପ୍ରତ୍ୟେକ ମତଦାତାଙ୍କ ବାସସ୍ଥାନରୁ ଦୁଇ କିଲୋମିଟର ମଧ୍ୟରେ ମତଦାନ କେନ୍ଦ୍ର ନିଶ୍ଚିତ କରିବାପାଇଁ ମଧ୍ୟ ମୁଖ୍ୟ ନିର୍ବାଚନ କମିଶନର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରାମାଞ୍ଚଳରେ ମତଦାନକୁ ସହଜ କରିବା ଲକ୍ଷ୍ୟରେ ମତଦାନ କେନ୍ଦ୍ରଗୁଡ଼ିକରେ ସର୍ବନିମ୍ନ

ସୁବିଧା ଉପଲବ୍ଧ କରାଇବା ଉପରେ ମଧ୍ୟ ଶ୍ରୀ କୁମାର ଗୁରୁତ୍ୱାରୋପ କରିଛନ୍ତି ।

## ବନ୍ତାରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଗୁଜରାଟର ଜାମ୍‌ନଗରରେ ବନ୍ୟଜନ୍ତୁ ସଂରକ୍ଷଣ, ଉଦ୍ଧାର ଏବଂ ଅନନ୍ୟ ପୁନର୍ବାସ କେନ୍ଦ୍ର 'ବନ୍ତାରା'ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବନ୍ତାରା ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ବାତାବରଣ ଯୋଗାଇବା ସହ ପାରିପାର୍ଶ୍ୱିକ ନିରନ୍ତରତା ଏବଂ ବନ୍ୟଜନ୍ତୁଙ୍କ କଲ୍ୟାଣ ଦିଗରେ କାର୍ଯ୍ୟ କରୁଛି ।

## ଆଇ.ସି.ସି. ଚାମ୍ପିୟନ୍‌ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍‌ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆ ଭାରତ ସମ୍ମୁଖରେ ୨୬୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା । ୪୯ ଓଭର ୩ଟି ବଲ୍‌ରେ ଅଷ୍ଟ୍ରେଲିଆ ସମସ୍ତ

ୱିକେଟ୍ ହରାଇ ୨୬୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳପକ୍ଷରୁ ଷ୍ଟିଭେନ୍ ସ୍ମିଥ୍ ସର୍ବାଧିକ ୭୩ ରନ୍ ଏବଂ ଆଲେକ୍ସ କ୍ୟାରେ ୬୧ ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ମହମ୍ମଦ ସାମୀ ୩ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ବରୁଣ ଚକ୍ରବର୍ତ୍ତୀ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏଁ ୱିକେଟ୍ ପାଇଥିଲେ । ହାର୍ଦ୍ଦିକ୍ ପାଣ୍ଡିୟା ଓ ଅକ୍ସର ପଟେଲଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା ।

ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୨୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୪ ଓଭର୍ ଗୋଟିଏ ବଲ୍‌ରେ ୨ ୱିକେଟ୍ ହରାଇ ୭୧ ରନ୍ ସଂଗ୍ରହ କରିଛି ।

ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲ୍‌ରେ ଲାହୋର୍‌ଠାରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ । ଆଜି ଓ ଆସନ୍ତାକାଲିର ବିଜେତାଙ୍କ ମଧ୍ୟରେ ରବିବାର ଦିନ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

*****